# ଏକକ ୧୦- ଅନୁକୂଳନୀୟ କୌଶଳ, ସହାୟକ ଉପକରଣ, ସ୍ୱତନ୍ତ୍ର ଚିକିତ୍ସା

**ସଂରଚନା**

୧୦.୦ ଉପକ୍ରମ

୧୦.୧ ଶିକ୍ଷଣ ଉଦ୍ଦେଶ୍ୟ

୧୦.୨ ଅନୁକୂଳନୀୟ କୌଶଳ

୧୦.୩ ସହାୟକ ଉପକରଣ ସମୂହ

୧୦.୪ ସ୍ୱତନ୍ତ୍ର ପଦ୍ଧତି

୧୦.୫ ସାରାଂଶ

୧୦.୬ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୧୦.୭ ଅତିରିକ୍ତ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୧୦.୮ ପାଠାନ୍ତ ପ୍ରଶ୍ନାବଳୀ

## ୧୦.୦ ଉପକ୍ରମ

ପୂର୍ବ ଅଧ୍ୟାୟଗୁଡ଼ିକରେ ବିଭିନ୍ନ ବାଧକତା ଦ୍ୱାରା ପ୍ରଭାବିତ ହୋଇଥିବା ପିଲାମାନଙ୍କର ଶୈକ୍ଷିକ ଆବଶ୍ୟକତାର ମୌଳିକ ସ୍ୱରୂପ, ପ୍ରକାର ଓ ବ୍ୟତିକ୍ରମରେ ବିଭିନ୍ନ କାରଣ ସଂପର୍କରେ ତୁମେମାନେ ପଢ଼ିସାରିଛ । ପୂର୍ବ ବାଧକତା ଯିଏକି ଶାରୀରିକ, ଇନ୍ଦ୍ରିୟଗଣ, ବୌଦ୍ଧିକ ହେଉନା କାହିଁକି ଏଗୁଡ଼ିକ ସାଧାରଣ ଶିକ୍ଷାଦାନ ଶିକ୍ଷଣ ପ୍ରକ୍ରିୟାକୁ ବାଧା ଦେଇଥାଏ । ଉପଯୁକ୍ତ ଶିକ୍ଷଣ ଫଳାଫଳ ହାସଲ ନିମିତ୍ତ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବାକୁ ଶିକ୍ଷାଦାନ ପରିକଳ୍ପିତ । ବାଧକତା ଥିବା ପିଲାମାନେ ଉଭୟ ସେମାନଙ୍କର ବିଦ୍ୟାଳୟ ଓ ସାମାଜିକ ପରିବେଶରେ ଗ୍ରହଣୀୟ କୌଶଳ, ସହାୟକ ଉପକରଣ ଓ ସ୍ୱତନ୍ତ୍ର ଚିକିତ୍ସା ଆବଶ୍ୟକ କରନ୍ତି । ଏହି ସବୁ ସମସ୍ୟା ଗୁଡ଼ିକୁ ଆଲୋଚନା କରିବା ନିମିତ୍ତ ଏହି ଏକକରେ ପ୍ରଚେଷ୍ଟା କରାଯାଇଛି ।

## ୧୦.୧ ଶିକ୍ଷଣ ଉଦ୍ଦେଶ୍ୟ

- ଏହି ଏକକ ପଠନ ପରେ ତୁମେ ନିମ୍ନୋକ୍ତ କାର୍ଯ୍ୟ ଗୁଡ଼ିକୁ କରିବାକୁ ସମର୍ଥ ହେବ :
- ଗ୍ରହଣୀୟ କୌଶଳଗୁଡ଼ିକର ଅର୍ଥ ବୁଝାଇବାରେ
- ଭିନ୍ନ ଭିନ୍ନ ବିଭିନ୍ନ ବାଧକତା ପାଇଁ ଗ୍ରହଣୀୟ କୌଶଳ ଗୁଡ଼ିକର ତାଲିକା କରିବାରେ
- ବାଧକତା ଥିବା ପିଲାମାନଙ୍କୁ ସହାୟତା ଦେବାରେ ଶିକ୍ଷକଙ୍କ ଭୂମିକା ବର୍ଣ୍ଣନା କରିବାରେ
- ସହାୟକ ଉପକରଣ ଗୁଡ଼ିକୁ ବୁଝାଇବାରେ
- ପିଲାମାନଙ୍କର ପରିବେଶରେ ସହାୟକ ଉପକରଣ ଗୁଡ଼ିକର ବ୍ୟବହାର ବୁଝାଇବାରେ
- ଉତ୍ତମ କାର୍ଯ୍ୟ କରିବାରେ ସ୍ୱତନ୍ତ୍ର ପଦ୍ଧତି ଗୁଡ଼ିକର ବ୍ୟବହାର ବୁଝାଇବାରେ

ଟିପ୍ପଣୀ

## ୧୦.୨ ଅନୁକୂଳନୀୟ କୌଶଳ

ବାଧକତା ଥିବା ପିଲାମାନଙ୍କର ଭିନ୍ନଭିନ୍ନ ଅସାମର୍ଥ୍ୟତା ଥାଏ । ସେମାନଙ୍କର ବାଧକତା ଯୋଗୁଁ ଅନ୍ୟ ପିଲାମାନଙ୍କ ଭଳି ଜୀବନ ଶୈଳୀ ବିତାଇବାରେ ସେମାନେ ସମର୍ଥ ହୁଅନ୍ତି ନାହିଁ । ସେମାନଙ୍କର ବ୍ୟକ୍ତିଗତ ଓ ବୌଦ୍ଧିକ ଅଭିବୃଦ୍ଧି ନିମିତ୍ତ ସେମାନଙ୍କର ଥିବା ବାଧକତା ସମସ୍ୟା ସବୁରେ ପରିଣତ ହୋଇଥାଏ ତେଣୁ ଏହି ପିଲାମାନେ ନୂଆ କୌଶଳ ଶିଖିବା / ଗ୍ରହଣ କରିବାକୁ ଆବଶ୍ୟକ କରନ୍ତି ଯାହା ସେମାନଙ୍କର ବାଧକତାକୁ ପୂରଣ କରିବ । ଏହି ଗ୍ରହଣୀୟ ଦକ୍ଷତା ଗୁଡ଼ିକ ପିଲାମାନଙ୍କୁ ସେମାନଙ୍କର ବିଦ୍ୟାଳୟ ଓ ଦୈନନ୍ଦିନ ଜୀବନରେ ସାହାଯ୍ୟ କରିବ । ସାଧାରଣ ପ୍ରଣାଳୀ ଗୁଡ଼ିକୁ ନୂତନ ଭାବେ ଆରୋହଣ କାରାଯାଉଥିବା ପ୍ରଣାଳୀ ଦ୍ୱାରା ପରିବର୍ତ୍ତନ କରିବାକୁ ପ୍ରତ୍ୟେକ ଦିନ ଏହି କାର୍ଯ୍ୟସବୁ ପିଲାମାନଙ୍କୁ ବାଧକରେ । ପ୍ରବେଶ ଜନିତ ମାର୍ଗ ଏବେବି ସେମାନଙ୍କ ପାଇଁ ଅନ୍ୟ ଏକ ପ୍ରଶ୍ନ । ମୁକ୍ତ ଉସ୍ ହିଁ ଏହାର ଉତ୍ତର, ଏହି ଅନୁକୂଳନ ବ୍ୟକ୍ତିଠାରୁ ବ୍ୟକ୍ତି ପର୍ଯ୍ୟନ୍ତ ପୃଥକ ଅଟେ । ବୌଦ୍ଧିକ ବାଧକତା ଥିବା ପିଲାର ଅନୁକୂଳନ ପାଇଁ ଜଣେ ଶିକ୍ଷକଙ୍କର ଦକ୍ଷତା ଥିବା ଆବଶ୍ୟକ ।

### ୧୦.୨.୧ ଅନୁକୂଳନୀୟ କୌଶଳର ଅର୍ଥ:

ଅନୁକୂଳନ ବାଧକତା ଥିବା ପିଲାମାନଙ୍କ ଭିତରେ ଦକ୍ଷତା ଆହରଣ କରିବା ଓ କୌଶଳ ଗୁଡ଼ିକର ବିକାଶ କରିବା ନିମିତ୍ତ ଶିକ୍ଷକ, ପିତାମାତାଙ୍କ ଦ୍ୱାରା କରାଯାଇଥିବା ସହଜ ପଦ୍ଧତି ସମୂହ ଅଟେ । ପ୍ରାକୃତିକ ପରିସ୍ଥିତିରେ ଶିକ୍ଷଣ କୌଶଳ ଗୁଡ଼ିକରେ ଅନୁକୂଳନ ଗୁଡ଼ିକୁ ପ୍ରୟୋଗ କରିବାରେ ପିଲାମାନେ ସମର୍ଥ ହେବା ଉଚିତ୍ । ଅନୁକୂଳନ ଗୁଡିକ ସେମାନଙ୍କୁ ସ୍ୱାଧୀନ ଜୀବନଯାପନ ନିମିତ୍ତ ଆଗେଇ ନିଏ । ଏହା ପଠନ, ଲିଖନ ଓ ଗଣିତ(୩ ଆର୍)କୁ ଅନ୍ତର୍ଭୁକ୍ତ କରେ । ଅନୁକୂଳନ ଗୁଡ଼ିକରେ କୌଶଳ ଗୁଡ଼ିକ ସହଜ କାର୍ଯ୍ୟମାନଙ୍କରେ ଭାଗ କରାଯାଇଥାଏ ଫଳରେ ସେମାନେ ଏଗୁଡ଼ିକୁ ସହଜରେ ଶିଖନ୍ତି ।

### ୧୦.୨.୨ ଶ୍ରବଣ ବାଧିତ, କଥନ ବାଧିତଙ୍କ ପାଇଁ ଅନୁକୂଳନୀୟ କୌଶଳ ସମୂହ

ଏଠାରେ ଏହି ପିଲାମାନେ ସ୍ୱାଭାବିକ ଭାବେ ବୁଝିବାରେ କୌଣସି ସମସ୍ୟା ନଥାଏ । ଅନୁକୂଳନ ପାଇଁ ପ୍ରଥମେ ମନସ୍ତାତ୍ତ୍ୱିକ ଗୁଣଗୁଡ଼ିକ ସଂଶୋଧିତ କରିବାକୁ ହେବ ଓ ଗୁରୁତ୍ୱପୂର୍ଣ୍ଣ କୌଶଳ ଗୁଡ଼ିକ ସ୍ୱାଭାବିକ ଭାବେ ଶିଖିହେବ । ଉଚ୍ଚ ବାର୍ତ୍ତାଳାପ ମାଧ୍ୟମରେ ଶୁଣିବା ପାଇଁ ସମର୍ଥ କରାଇବା ନିମିତ୍ତ ଧ୍ୱନିର ପରିସର ଓ ଉଚ୍ଚସ୍ୱରକୁ ସଂଶୋଧିତ କରାଯାଇଥାଏ । ଶ୍ରବଣବାଧିତ ପିଲାମାନେ ସେମାନଙ୍କ ଜୀବନର ପ୍ରାରମ୍ଭିକ ବୟସ ମାନଙ୍କରେ କଥନ ଆହରଣ କରିଥାନ୍ତି । ଯୋଗାଯୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଶୁଣିବା ବିନା କଥନ ଆହରଣ କରିବା ଅଲଗା ଅଟେ । ଦୈତ ଉପାୟରେ ଯୋଗାଯୋଗ ଅଣବାଚନିକ ଓ ବାଚନିକ ଅଟେ ।

ଏଠାରେ ଅଣବାଚନିକ କେବଳ ଏକମାତ୍ର ଉପାୟ ଯେଉଁଥିରେ ସେମାନେ ଯୋଗାଯୋଗ କରିପାରିବେ । ସାଙ୍କେତିକ ଭାଷାଗୁଡ଼ିକ ଅମେରିକୀୟ ସଙ୍କେତିକ ଭାଷା (ASL) , ବ୍ରିଟିଶ୍ ସାଙ୍କେତିକ ଭାଷା (BSL), ଅଙ୍ଗଭଙ୍ଗୀ, କଥାକୁହା ବୋର୍ଡ଼ଗୁଡ଼ିକ ଅଟନ୍ତି । ସଙ୍କେତ ନୁହେଁ ବରଂ ବାକ୍‌ପଠନ ଓ ସହାୟକ ଶ୍ରବଣ ଦ୍ୱାରା ସମର୍ଥିତ ସଙ୍କେତ ବ୍ୟବହାର ମାଧ୍ୟମରେ ଭାଷା ଶିକ୍ଷଣ ଏହାର ମୁଖ୍ୟ ଧାରଣା ଅଟେ । ଦର୍ପଣ ଆଗରେ ଠିଆହୋଇ ଓଷ୍ଠ ପଠନ ଏବଂ ମୁହଁର ଗତିବିଧିକୁ ଅନୁସରଣ କରିବା ମଧ୍ୟ ଅନେକ ଭାବରେ ସାହାଯ୍ୟ କରିବ ।

୧୦.୨.୩ ବହୁବିଧ ବାଧକତା / ମସ୍ତିଷ୍କ ପକ୍ଷଘାତ ପାଇଁ ଅନୁକୂଳନ:

ମସ୍ତିଷ୍କର ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ମସ୍ତିଷ୍କ ପକ୍ଷାଘାତ ସୃଷ୍ଟି ହୋଇଥାଏ । ବୟସ ବଢ଼ିବାରୁ ବ୍ୟକ୍ତି ଜଣଙ୍କର ଗତିଶୀଳତା ଓ ପକ୍ଷାଘାତ(ପେଶୀୟ କଠିନତା) ସମସ୍ୟା ଉପୁଜି ପାରେ । ଦୁଇଟା ତିନିଟି ବାଧକତା ଥିବା

ବ୍ୟକ୍ତିଜଣଙ୍କୁ ବହୁବିଧ ବାଧିତ ବୋଲି କୁହାଯାଏ ଓ ଏମାନେ ଏକ ସ୍ୱତନ୍ତ୍ର ଉପାୟରେ ଶୈକ୍ଷିକ ପଦ୍ଧତି ଆବଶ୍ୟକ କରନ୍ତି । ସ୍ୱଳ୍ପ ଓ ଦୀର୍ଘକାଳୀନ ସ୍ମୃତିରେ ସୂଚନାକୁ ଧରିରଖିବା ଏହି ପିଲାମାନଙ୍କର ସମସ୍ୟା ରହିଥିବ । ଅମୂର୍ତ୍ତ ଚିନ୍ତନରେ ସେମାନଙ୍କର ଅସୁବିଧା ଥାଏ । ପ୍ରତ୍ୟେକ ପିଲାର ନିଜସ୍ୱ ସ୍ୱଭାବ, ଅଭିଜ୍ଞତା ଓ ବାଧକତା ରହିଛି ।

ପ୍ରତ୍ୟେକ ବ୍ୟକ୍ତିପାଇଁ ଏକ ଢାଞ୍ଚା ବ୍ୟବହାର କରିବା ଓ ଏକ ବ୍ୟାପକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ନିମିତ୍ତ ଦଳଗତ ପନ୍ଥା ହେବା ଉଚିତ୍ । ପେଶାଦାର ବ୍ୟକ୍ତି ବିଶେଷ, ପରିବାର ସଦସ୍ୟ ବୃନ୍ଦ ଓ ରକ୍ଷଣାବେକ୍ଷଣକାରୀ ଭଳି ଭିନ୍ନଭିନ୍ନ ବ୍ୟକ୍ତିଙ୍କୁ ନେଇ ଦଳ ଗଠିତ ହେବା ଉଚିତ୍ । ବହୁବିଧ ଦିଗ ଆଧାରିତ ଦଳ ନିମ୍ନୋକ୍ତ ବ୍ୟକ୍ତିମାନଙ୍କୁ ନେଇ ଗଠିତ ହୋଇପାରେ:

- ସ୍ୱତନ୍ତ୍ର ଶିକ୍ଷକ
- ଭୌତିକ ଚିକିତ୍ସକ
- ବୃତ୍ତିଭିତିକ ପରାମର୍ଶଦାତା
- ମନସ୍ତତ୍ତ୍ୱବିତ୍
- ସାମାଜିକ କର୍ମକର୍ତ୍ତା
- ପରିବାର ସଦସ୍ୟ

### ୧୦.୨.୪. ଶିକ୍ଷଣ ବାଧକତା ପାଇଁ ଅନୁକୂଳନ ସମୂହ

ସାଧାରଣ ପାଠ୍ୟକ୍ରମରେ ଅନୁକୂଳନ ଶିକ୍ଷଣ ବାଧକତା ଥିବା ପିଲାମାନଙ୍କୁ ସାହାଯ୍ୟ କରେ । ବେଳେବେଳେ ସେମାନେ ମନ୍ଥରଗାମୀ ଶିକ୍ଷାର୍ଥୀ ଭାବେ ଭୁଲରେ ଗ୍ରହଣୀୟ ହୋଇଥାନ୍ତି । ବହୁ ପ୍ରକାରର ଶିକ୍ଷଣ ବାଧକତା ରହିଛି ।

- ପଠନରେ ସମସ୍ୟା(ଡିସଲେକ୍ସିଆ): ପଢିବାବେଳେ ପିଲାଟି ଅକ୍ଷର ବା ଶବ୍ଦ ସବୁକୁ ବାଦ ଦେଇଥାଏ, ବଦଳେଇ ଦେଇଥାଏ ବା ଓଲଟା କରିଦେଇଥାଏ ।
- ଲିଖନରେ ସମସ୍ୟା(ଡିସ୍‌ଗ୍ରାଫିଆ) କ୍ରମାଗତ ଭାବେ ଲେଖିବାକୁ ପିଲାଟି ସମର୍ଥ ହୁଏ ନାହିଁ । ତାର ହସ୍ତାକ୍ଷର ବେଢଙ୍ଗିଆ ଓ ଅନୁପଯୁକ୍ତ ବ୍ୟବଧାନ ଯୁକ୍ତ ହୋଇଥାଏ ।
- ଗଣନାରେ ସମସ୍ୟା(ଡିସ୍‌କାଲକୁଲିଆ):ସାଧାରଣ ଗଣନାକରିବାରେ ପିଲାଟିର ସମସ୍ୟା ଥାଇପାରେ ।
- କମ୍ ମନଯୋଗ ଅଧିକତ୍ତର ବ୍ୟତିକ୍ରମ (Attention Deficit Hyperactive Disorder) (ମନଯୋଗ / ଧ୍ୟାନ ଦେବାରେ ସମସ୍ୟା) ଏହି ଅବସ୍ଥାରେ ମନଯୋଗର ଅବଧି ଅତି ସୀମିତ ଅଟେ ଏବଂ ପିଲାଟି ଅସ୍ଥିର ହୋଇପଡେ । ଅପ୍ରାସଙ୍ଗିକ ଉଦ୍ଦୀପକ ସମୂହ ପ୍ରତି ଧ୍ୟାନ ଦେବାକୁ ଆକର୍ଷିତ ହୁଏ ଓ ଯଥେଷ୍ଟ ପରିମାଣର ଅତ୍ୟଧିକ କ୍ରିୟାଶୀଳତା ପ୍ରଦର୍ଶନ କରେ । ଏପରିକି ଏକ ମୁହୂର୍ତ୍ତ ପାଇଁ ପିଲାଟି ଗୋଟିଏ ସ୍ଥାନରେ ବସି ପାରିବ ନାହିଁ ।
- ଭାଷା ବ୍ୟତିକ୍ରମ (ଡିସ୍‌ଫାସିଆ) ଦୁଇପ୍ରକାର ଭାଷାର ବ୍ୟତିକ୍ରମ ଅଛି । ପିଲାଟି ଅର୍ଥପୂର୍ଣ୍ଣ ଭାବେ ଭାଷା ବ୍ୟବହାର କରିବାର ଅସମର୍ଥ ହୋଇଥାଏ ବା କଥିତ ଶବ୍ଦଗୁଡିକୁ ବୁଝିବାରେ ଅସମର୍ଥ ହୋଇଥାଏ । ଏହି ଭଳି ପିଲାମାନଙ୍କ ସହିତ ବ୍ୟବହାର କରିବାର ମୁଖ୍ୟ ପଦ୍ଧତି ହେଉଛି ଦତ୍ତକାର୍ଯ୍ୟର ବିଶ୍ଳେଷଣ ।

ଟିପ୍ପଣୀ

**ଦଣ୍ଡକାର୍ଯ୍ୟ ବିଶ୍ଳେଷଣ:**

- ଶିକ୍ଷକ ଏକ ଶିକ୍ଷଣ ଦଣ୍ଡକାର୍ଯ୍ୟ ପସନ୍ଦ କରିବା ଉଚିତ ।
- ବ୍ୟବାହାରିକ ଶବ୍ଦ / ପଦ ମାଧ୍ୟମରେ ଏଗୁଡ଼ିକୁ ଦର୍ଶାଯିବା ଉଚିତ ।
- ମୁଖ୍ୟ କାର୍ଯ୍ୟଟିକୁ ସହଜ କାର୍ଯ୍ୟଗୁଡ଼ିକରେ ଭାଗ କରି ଏକ କୌଶଳ ଶିଖାଇବା ।
- ସୋପାନ କ୍ରମରେ ଶିକ୍ଷାଦାନ
- ଏହି ଆକୃତିର ଅନ୍ୟ ନାମ ଦେବା
- ପ୍ରତ୍ୟେକ ସୋପାନ ପୁନର୍ବଳନ ଯୁକ୍ତ ହୋଇଥାଏ
- ପ୍ରଥମ ସୋପାନରେ ଆହରଣ ଦ୍ୱିତୀୟ ସୋପାନ ଆହରଣ ପାଇଁ ଅଭିପ୍ରେରିତ କରିବ ।
- ଗଠନଗତ ପାଠ ଉପସ୍ଥାପନ

**୧୦. ୨.୫. ବୌଦ୍ଧିକ ବାଧକତା ଥିବା ବ୍ୟକ୍ତିମାନଙ୍କ ପାଇଁ ଅନୁକୂଳନୀୟ କୌଶଳ ସମୂହ:**

**୧. ବୌଦ୍ଧିକ ବାଧକତା:**

ବୌଦ୍ଧିକ ବାଧକତା ଥିବା ପିଲାମାନେ ସେମାନଙ୍କର ବ୍ୟକ୍ତିଗତ ଆବଶ୍ୟକତା ଖାଇବା, ପିଇବା, ଶୌଚହେବା, ଦାନ୍ତଘଷିବା, ଗାଧୋଇବା, ପୋଷାକପିନ୍ଧିବା ଓ ବିଭିନ୍ନ ପରିବେଶରେ ବିଭିନ୍ନ ଉପାୟରେ ଆବଶ୍ୟକ ସମୟରେ ଶିଖାଇବା ଆଦିର ଯତ୍ନ ନେବା ପାଇଁ ସେମାନଙ୍କୁ ପ୍ରଶିକ୍ଷଣ ଦେବା ସ୍ୱତନ୍ତ୍ର ଶିକ୍ଷାର ଅନୁକୂଳନର ଏକ ଉଦ୍ଦେଶ୍ୟ ଅଟେ । ଉଦାହରଣ ସ୍ୱରୂପ ଆମେ ଘରେ, ବିଦ୍ୟାଳୟରେ ଓ ହୋଟେଲ ମାନଙ୍କରେ ଖାଉ ଓ ପିଇଥାଉ । ଅନେକ ସମୟରେ ପରିବାରର ସଦସ୍ୟମାନେ ବୌଦ୍ଧିକ ବାଧକତା ଥିବା ପିଲାମାନଙ୍କୁ ଅନୁପଯୁକ୍ତ ଖାଇବା କୌଶଳ ବା ଅନ୍ୟକୌଣସି କୌଶଳ, ଶିକ୍ଷାଦାନ, ବ୍ୟବହାର ଯୋଗୁଁ ଏହିସବୁ ସ୍ଥାନ ଓ କାର୍ଯ୍ୟକ୍ରମ ଗୁଡ଼ିକୁ ନିଅନ୍ତି ନାହିଁ ।

- ପ୍ରତ୍ୟେକ କାର୍ଯ୍ୟର ବିଶ୍ଳେଷଣ
- ଦଣ୍ଡକାର୍ଯ୍ୟ ବିଶ୍ଳେଷଣର ବ୍ୟବହାର ପ୍ରତ୍ୟେକ କୌଶଳକୁ ଛୋଟ ଓ ସହଜ ସୋପାନରେ ଶିକ୍ଷାଦାନ କରିବା
- ଦଣ୍ଡକାର୍ଯ୍ୟ ଉପଯୋଗୀ ଶିକ୍ଷାଦାନ ସାମଗ୍ରୀ ବ୍ୟବହାର କରିବା
- ପିଲା ଶିଖିବା ପ୍ରତ୍ୟେକ ସୋପାନ ପରେ ପୁନର୍ବଳନର (ପୁରସ୍କାର)ଅନୁସରଣ କରିବା ।

ପଠନ ଶିକ୍ଷାଦାନ ସମୟରେ ଏହି ପ୍ରଣାଳୀ କରାଯାଇପାରିବ(ଦୃଶ୍ୟ ଶବ୍ଦଗୁଡ଼ିକ ଶୌଚାଳୟ, ବିଷ, ବିପଦ) ଲେଖିବା: (ବିନ୍ଦୁ, ରେଖା, ପ୍ରକୃତ ଅକ୍ଷର) ଓ ପାଟିଗଣିତ (ସରଳରୁ ଜଟିଳ ପ୍ରଣାଳୀ ଗ୍ରହଣ କରିବାକୁ ହେବ ।

ବୌଦ୍ଧିକତା କମ୍‌ଥିବା ପିଲାମାନଙ୍କ ଶିକ୍ଷଣ ପ୍ରକ୍ରିୟାରେ ଅନୁକୂଳନ ବ୍ୟବହାର କରି ଏହି ଉପାୟରେ ଆମେ ସେହି ପିଲାମାନଙ୍କୁ ଶିକ୍ଷାଦାନ କରିପାରିବା ।

**୧୦. ୨. ୬. ଦୃଷ୍ଟି ବାଧକତା:**

ଏହି ଦୃଷ୍ଟିବାଧିତ ପିଲାମାନଙ୍କ ପାଇଁ ଆମେ କରିପାରିବା:

- ବ୍ରେଲ ଲିଖନ
- ଅଧିକ ଦୃଷ୍ଟିସମ୍ବନ୍ଧୀୟ ଉପକରଣ
- ଯବକାଚ: ଏକ ନିର୍ଦ୍ଦିଷ୍ଟ ପରିସର ପର୍ଯ୍ୟନ୍ତ ସ୍ୱଳ୍ପ ଦୃଷ୍ଟି ସଂଶୋଧିତ ହୋଇପାରିବ ।
- ସ୍ୱତନ୍ତ୍ର ଚଷମା ଯାହା ଅକ୍ଷରଗୁଡିକୁ ବଢାଇଥାଏ ଏବଂ ଗଠନରେ ସୁବିଧା ଦିଏ
- ବଡ ଅକ୍ଷର ବହି
- ବସ୍ତୁଗୁଡିକୁ ଚିହ୍ନଟ କରିବାକୁ ଉତ୍ତମ ଚିତ୍ର
- ଦୃଷ୍ଟିଶକ୍ତି ସଂଶୋଧନ ପାଇଁ ରେଟିନାର ଅସ୍ତ୍ରୋପଚାର
- ସଂକୋଚନ ଓ ଅନ୍ୟାନ୍ୟ ଅସ୍ଥାୟୀ ସମସ୍ୟା ଗୁଡିକୁ ମଧ୍ୟ ସଂଶୋଧନ କରାଯାଇ ପାରିବ ।

**୧୦.୨.୭.ଚଳନ ବାଧକତା:**

ଏହି ପିଲାମାନଙ୍କର ସମସ୍ୟାମାନ ଥାଏ ଯଥା- ଗତି କରିବାରେ, ଅଙ୍ଗପ୍ରତ୍ୟଙ୍ଗ ହରାଇବା, ସେମାନଙ୍କ ଅଙ୍ଗ ପ୍ରତ୍ୟଙ୍ଗର ଯନ୍ତ୍ରଣା ଓ ଦୃଢତା

ଏହି ବ୍ୟକ୍ତିମାନଙ୍କ ପାଇଁ ମୁଖ୍ୟ ଅନୁକୂଳନ ଗୁଡିକ ହେବ ଯଥା:

- ମାଲିସ୍ କରିବା ଓ ଦୁର୍ବଳ ମାଂସପେଶୀରେ ପେଶୀୟଶକ୍ତି ପୁନଃପ୍ରାପ୍ତ ହେବା
- ସାଧାରଣ ମାଂସପେଶୀଗୁଡିକୁ ଶକ୍ତିଶାଳୀ କରିବା ।
- ସହାୟତା ପାଇଁ ପାତି ବା ମାନ ନିର୍ଦ୍ଧାରଣ ଯନ୍ତ୍ର ପ୍ରଦାନ କରିବା ।
- ଅସ୍ତ୍ରୋପଚାର ମାଧ୍ୟମରେ: ଲୁହା ରଡ ବ୍ୟବହାର କରିଏକ ପ୍ରକାର ସହାୟତା ଦିଆଯାଏ ଓ ଚଳନ ବାଧିତ ବ୍ୟକ୍ତିଙ୍କ ଚଲିବା ପାଇଁ ଏହା ସ୍ଥାୟୀ ଅନୁକୂଳନ ଅଟେ ।

ଏହି ବ୍ୟକ୍ତିମାନଙ୍କର ଯନ୍ତ୍ରଣା ଥାଏ ଯାହା ପରିମାଣ ବା ମାପନ ଯୋଗ୍ୟ ନୁହେଁ ।

ଏହା ପ୍ରାକୃତିକ ସତର୍କତା ଯେ ଶରୀରରେ କ୍ଷତ ରହିଛି । ଯନ୍ତ୍ରଣା ହ୍ରାସକ ଔଷଧ ବା ଗରମ କିମ୍ବା ଥଣ୍ଡା ପଟି କ୍ଷତ ଜାଗାରେ ବ୍ୟବହାର କରି ଯନ୍ତ୍ରଣାର ଉପଶମ କରାଯାଇପାରିବ । ଚଳନ ବାଧିତ ବ୍ୟକ୍ତିମାନଙ୍କର ଘାଆର ଚାପ ଥିବ । ବୋରିକ୍ ଏସିଡ୍ ଓ ବିଛଣାଚଦର ପରିବର୍ତ୍ତନ କରିବା ଓ ସ୍ୱାସ୍ଥ୍ୟରକ୍ଷା ପରିସ୍ଥିତିର ବ୍ୟବହାର ପୂର୍ବକ ଏହି ସମସ୍ୟାଗୁଡିକୁ ଦୂରେଇ ଦିଆଯାଇପାରିବ ।

**୧୦.୨.୮. ଶିକ୍ଷକଙ୍କ ଭୂମିକା:**

ଯେକୌଣସି ବାଧକତା ଥିବା ପିଲାର ଦୁଇଟି ସମସ୍ୟା ଥାଏ । ପ୍ରଥମଟି ହେଲା ଅନ୍ୟପିଲାଙ୍କ ଭଳି ସେ ନିଜର ଦୈନନ୍ଦିନ କାର୍ଯ୍ୟ ନିର୍ବାହ କରିବାକୁ ସମର୍ଥ ହୁଏ ନାହିଁ । ଦ୍ୱିତୀୟଟି ହେଲା ବାଧକତା ଯୋଗୁ ଶିକ୍ଷା ହାସଲ କରିବାରେ ଆହ୍ୱାନ ସବୁର ସମ୍ମୁଖୀନ ହୋଇଥାଏ । ବିଦ୍ୟାଳୟ କର୍ତ୍ତୃପକ୍ଷ ପିଲାର ସମସ୍ୟାକୁ ବୁଝିବା ଓ ପିଲାଙ୍କୁ ସାହାଯ୍ୟ କରିବା ଉଚିତ । ବହିରେ ଦିଆଯାଇଥିବା ଜ୍ଞାନ ଓ ପିଲା ମଧ୍ୟରେ ଶିକ୍ଷକ ହେଉଛନ୍ତି ମଧ୍ୟସ୍ଥି ।ତେଣୁ ପିଲା ସାମନା କରୁଥିବା ବାଧକତାକୁ ଚିହ୍ନଟ କରିବାରେ ସେ ପ୍ରଶିକ୍ଷିତ ହେବା ଉଚିତ । 'ତାରେ ଜମିନ୍ ପର୍' ଏକ ଜନପ୍ରିୟ ଚଳଚିତ୍ରର ଗୋଟିଏ ଉଦାହରଣ ଉପରୋକ୍ତ କଥାଗୁଡିକୁ ଚିତ୍ରିତ କରିଥାଏ । ଡିସ୍ଲେକ୍ସିଆ ଭଳି ଏକ

ଟିପ୍ପଣୀ

ଶିକ୍ଷଣ ବ୍ୟତିକ୍ରମ ଯାହା ପିଲାର ଏକ ସମସ୍ୟା, ଶିକ୍ଷକ ପିଲାର ଏହି ସମସ୍ୟାକୁ ବୁଝିପାରନ୍ତି ନାହିଁ ଓ ଶ୍ରେଣୀରେ ଅମନଯୋଗୀ ହେବା ଓ ନମ୍ବର ରଖିବାକୁ ସମର୍ଥ ନହେବାରୁ ତାକୁ ଦଣ୍ଡ ଦିଅନ୍ତି ।

ଏହି ସମସ୍ୟା / ବାଧକତାଗୁଡିକୁ ଚିହ୍ନଟ କରିବାରେ ଶିକ୍ଷକ ନିଶ୍ଚିତ ଶିକ୍ଷିତ ହେବା ଦରକାର ଏବଂ ପିଲାଙ୍କୁ ବାଧକତା ଗୁଡିକରୁ ମୁକୁଳେଇବାରେ ପିଲାଙ୍କୁ ସାହାଯ୍ୟ ଓ ଉତ୍ସାହିତ କରିବା ନିମିତ୍ତ ନୂତନ ପଦ୍ଧତିଗୁଡିକୁ ଗ୍ରହଣ କରିବା ପରିସ୍ଥିତିରେ ଶିକ୍ଷକ ରହିବା ଉଚିତ । ବାଧକତା ରହିବା ସତ୍ତ୍ୱେ ଶିକ୍ଷାହାସଲ କରିବା ନିମିତ୍ତ ଶିକ୍ଷକ ଶିକ୍ଷାର୍ଥୀକୁ ନିଶ୍ଚିତ ସାହାଯ୍ୟ କରିବା ଆବଶ୍ୟକ । ଜଣେ ଶିକ୍ଷକ ପିଲାକୁ ଅନେକ ଉପାୟରେ ସାହାଯ୍ୟ କରିପାରିବେ । ପ୍ରଥମ ପଦକ୍ଷେପ ହେଉଛି ବାଧକତା ବିଷୟରେ ବୁଝିବା ଓ ଜାଣିବା, ପିଲାକୁ ଉତ୍ସାହିତ କରିବା, ପ୍ରତ୍ୟେକଙ୍କୁ ଅଧିକ ସମୟ ଦେଇ ପିଲାଙ୍କୁ ପାଠପଢାରେ ସାହାଯ୍ୟ କରିବା, ଚଳବାଧିତ ବା ମସ୍ତିଷ୍କ ପକ୍ଷାଘାତ କ୍ଷେତ୍ରରେ ପର୍ଯ୍ୟାପ୍ତ ବସିବା ବ୍ୟବସ୍ଥା କରିବା କିମ୍ବା ନୂତନ ପଦ୍ଧତି ଗ୍ରହଣ କରିବା ଇତ୍ୟାଦି ।

**ନିଜ ଅଗ୍ରଗତି ଆକଳନ**

**ଅନୁଶୀଳନୀ -୧**

ନିମ୍ନୋକ୍ତ ପ୍ରଶ୍ନଗୁଡିକର ଉତ୍ତର ୧ବା ୨ ଧାଡିରେ ଦିଅ ।

୧. ଅନୁକୂଳନୀୟ କୌଶଳ କହିଲେ ତୁମେ କ'ଣ ବୁଝ ?

୨. ନିମ୍ନୋକ୍ତ ବାଧକତା ଥିବା ବ୍ୟକ୍ତିମାନଙ୍କ ପାଇଁ ଗ୍ରହଣୀୟ କୌଶଳର ତାଲିକାକର ।

- ଚଳନ ବାଧକତା
- ମସ୍ତିଷ୍କ ପକ୍ଷାଘାତ
- ଶ୍ରବଣ ବାଧକତା
- ଦୃଷ୍ଟି ବାଧକତା

**ଅନୁଶୀଳନୀ -୨**

ସଂକ୍ଷିପ୍ତ ଟିପ୍ପଣୀ ଲେଖ:

୧.ସହାୟକ ଉପକରଣ କହିଲେ କ'ଣ ବୁଝାଏ ?

୨.ବାଧକତା ଥିବା ବ୍ୟକ୍ତିମାନଙ୍କ ପାଇଁ ସହାୟକ ଉପକରଣର ତାଲିକା କର ।

୩. ଶିକ୍ଷକଙ୍କ ଭୂମିକା

୪.ଚଳନ ବାଧକତା ଓ ମସ୍ତିଷ୍କ ପକ୍ଷାଘାତ ବ୍ୟକ୍ତିଙ୍କ ପାଇଁ ଗ୍ରହଣୀୟ /ଅନୁକୂଳନୀୟ କୌଶଳ

୫.ଶ୍ରବଣ ବାଧକତା ଓ ଶିକ୍ଷଣ ବାଧକତା ଥିବା ବ୍ୟକ୍ତିଙ୍କ ପାଇଁ ଗ୍ରହଣୀୟ / ଅନୁକୂଳନୀୟ କୌଶଳ

**୧୦.୩ ସହାୟକ ଉପକରଣ ସମୂହ:**

ବାଧକତାଥିବା ପିଲାମାନେ ଅନେକ କାର୍ଯ୍ୟ ବିଶେଷତଃ ଦୈନିକ କାର୍ଯ୍ୟମାନ ସଂପାଦନ କରିବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ତେଣୁ ସେମାନେ ଅନ୍ୟମାନଙ୍କଠାରୁ ପଛରେ ପଡିଯାଆନ୍ତି । ଅନ୍ୟ ପିଲାମାନଙ୍କ ମଧ୍ୟରେ ସମାନ ଭଳି କାମ କରିବା ନିମିତ୍ତ ଆମେ ସେମାନଙ୍କୁ ସ୍ୱୟଂସଂପୂର୍ଣ୍ଣ ଓ ଯଥେଷ୍ଟ ଭାବରେ ଦକ୍ଷ କରିବା

ଆବଶ୍ୟକ । ସହାୟକ ଉପକରଣ ଗୁଡିକ ହେଉଛି ସେହି ଉପକରଣ ଯାହା ପିଲାମାନଙ୍କର ଦୈନିକ କାର୍ଯ୍ୟଗୁଡିକରେ ସେମାନଙ୍କୁ ସାହାଯ୍ୟ କରେ । ଏଗୁଡିକ ଦୁଇପ୍ରକାରର: ଯେଉଁ ଗୁଡିକ ସେହି ବ୍ୟକ୍ତି ଦ୍ୱାରା ବ୍ୟବହାର କରାଯାଇପାରିବ ଓ ଅନ୍ୟଗୁଡିକ ଯାହା ଅନ୍ୟର ସାହାଯ୍ୟରେ ବାଧିତ ବ୍ୟକ୍ତିଦ୍ୱାରା ବ୍ୟବହାର କରିବାକୁ ହେବ ।

ସହାୟକ ଉପକରଣ ଗୁଡିକୁ ଏପରି ଉପାୟରେ କରିବାକୁ ହେବ ଯେ ବାଧିତ ବ୍ୟକ୍ତି ଏହାର ବ୍ୟବହାରରୁ ବହୁତ ଉପକାର ପାଇବ । ଉଦାହରଣ ସ୍ୱରୂପ, ଚଳନ ବାଧିତ ବ୍ୟକ୍ତି ଜଣଙ୍କୁ ହ୍ୱିଲ୍‌ଚେୟାର ବା ଆଶାବାଡି ବ୍ୟବହାର କରିବାକୁ ହେବ । ଏହି ଉପକରଣ ତାର ବାଧିତ ଗୋଡଗୁଡିକର ପ୍ରତିସ୍ଥାପନ ଅଟେ ବା ଜଣେ ଶ୍ରବଣ ବାଧକତା ଥିବା ବ୍ୟକ୍ତି ଅନ୍ୟମାନଙ୍କୁ ଶୁଣିବା ପାଇଁ ଶ୍ରବଣ ଯନ୍ତ୍ର ବ୍ୟବହାର କରିବେ ଏବଂ ଅନ୍ୟମାନଙ୍କ ସହ କଥୋପକଥନ କରିବା, ବକ୍ତୃତା ଶୁଣିବା, ଗୀତ ଶୁଣିବ ଆଦିରେ ସମର୍ଥ ହେବେ ।

**୧୦.୩.୧. ସହାୟକ ଉପକରଣ ସମୂହର ଅର୍ଥ:**

ସହାୟକ ଉପକରଣ ଏପରି ଉପକରଣ ଯାହା ବାଧକତା ଥିବା ବ୍ୟକ୍ତିମାନଙ୍କୁ ଦୈନନ୍ଦିନ ଜୀବନର କାର୍ଯ୍ୟଗୁଡିକୁ ହାତକୁ ନେବାରେ, ସୂଚନା ହାସଲ କରିବାରେ, ସୃଷ୍ଟି ହୋଇଥିବା ପରିବେଶରେ ଚଳନଗତ ସ୍ୱାଧୀନତା ଉପଭୋଗ କରିବାରେ ଓ ଭୌତିକ ସଂପାଦନ ଅଭିବୃଦ୍ଧି ପାଇଁ ଅବସର ସମୟରେ କାମ କରିବା ଓ ନିୟୋଜିତ ହେବାରେ ସିଧାସଳଖ ସାହାଯ୍ୟ କରେ । ବାଧକତା ଥିବା ବ୍ୟକ୍ତିମାନଙ୍କୁ ସେମାନଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ପାଇଁ ସହାୟକ ଉପକରଣ ଗୁଡିକ ସାହାଯ୍ୟ କରିବା ଉଚିତ । ସହାୟକ ଉପକରଣ ଗୁଡିକର ବ୍ୟବହାର କରିବା ଦ୍ୱାରା ଜଣେ ପରବର୍ତ୍ତୀ ବାଧକତାର ପ୍ରତିରୋଧ କରିପାରିବ ଏବଂ ସ୍ୱାଧୀନ ଜୀବିକା ନିର୍ବାହ ହାସଲ କରିବା ପାଇଁ ଅବଶିଷ୍ଟ ସାମର୍ଥ୍ୟ ଥିବା ବ୍ୟକ୍ତିଙ୍କୁ ମଧ୍ୟ ପ୍ରଶିକ୍ଷିତ କରିପାରିବ ।

**୧୦.୩.୨. ବାଧକତା ଓ ଭିନ୍ନକ୍ଷମତା ପାଇଁ ସହାୟକ ଉପକରଣ ସମୂହ:**

| **ବାଧକତା/ଭିନ୍ନକ୍ଷମତାର ପ୍ରକାର** | **ଉପକରଣ ସମୂହ** |
| --- | --- |
| ଚଳନ ବାଧକତା | ଷ୍ଟାଣ୍ଡିଙ୍ଗ ଫ୍ରେମ, ସ୍ପ୍ଲିଣ୍ଟର |
| ମସ୍ତିଷ୍କ ପକ୍ଷାଘାତ | ୱାକିଙ୍ଗ୍ ଏଡ୍, ହ୍ୱିଲ୍ ଚେୟାର |
| ଦୃଷ୍ଟି ବାଧକତା | ଆବାକସ୍, ବ୍ରେଲ, ଗାଣିତିକ ଫ୍ରେମ୍ |
| ଶ୍ରବଣ ବାଧକତା | ବଡ ଓ ଆକର୍ଷଣୀୟ ଅକ୍ଷର, ମେଳଖାଉଥିବା ଚିତ୍ର ଓ ପଦାର୍ଥ |
| ବହୁବିଧ ବାଧକତା | ର୍ୟାମ୍ପ, ଉତ୍ତମ ବସିବା ବ୍ୟବସ୍ଥା, ଆଶାବାଡି, ଚାଲିବା ଉପକରଣ ହ୍ୱିଲ୍ ଚେୟାର |
| ବୌଦ୍ଧିକ ବାଧକତା | ଶ୍ରବଣ ବାଧକତା, ଦୃଷ୍ଟି ବାଧକତା ଭଳି ଯେକୌଣସି ବାଧକତା ସାଙ୍ଗରେ ଥାଏ ଯାହା ସହାୟତା ଉପକରଣ ଆବଶ୍ୟକ କରେ ଏତଦ୍ ବ୍ୟତୀତ ଏହାର ଆବଶ୍ୟକତା ନଥାଏ । |

**୧୦.୩.୩. ଶ୍ରେଣୀଗୃହରେ ଶିକ୍ଷକଙ୍କ ଭୂମିକା:**

ବାଧକତା ଥିବା ପିଲାମାନଙ୍କ ପାଇଁ ଏହି ସହାୟକ ଉପକରଣ ଗୁଡିକ ଭିନ୍ନ ଭିନ୍ନ ଅଟେ । ଶ୍ରେଣୀରେ ସେମାନଙ୍କୁ

ଟିପ୍ପଣୀ

ଉପଯୁକ୍ତ ଭାବେ ସ୍ଥାନିତ କରିବା ହେଉଛି ପ୍ରଥମ ଭୂମିକା । ଯଦି ବୌଦ୍ଧିକ ବାଧିତ ପିଲା ଥାଆନ୍ତି, ତେବେ ବସିବା ବ୍ୟବସ୍ଥା'U' ବା 'Y' ଆକାରର ହେବ । ଅନେକ ପରିମାଣର ବଡ, ରଙ୍ଗ ରଙ୍ଗିଆ ଓ ଆକର୍ଷଣୀୟ ଶିକ୍ଷାଦାନ ଶିକ୍ଷଣ ଉପକରଣ ବ୍ୟବହାର କରିବାକୁ ହେବ । ଚାର୍ଟ, କାଚଗୁଲି,ଫ୍ଲାସକାର୍ଡ ଅତି ଉପଯୋଗୀ ଅଟେ । ବ୍ୟକ୍ତିଗତ ଶିକ୍ଷାଦାନ ଏହି ପିଲାମାନଙ୍କୁ ସାହାଯ୍ୟ କରେ । ବହୁବିଧ ବାଧିତ ଓ ମସ୍ତିଷ୍କ ପକ୍ଷ ଘାତ ପିଲାମାନଙ୍କର କେବଳ ଚଳନ ବାଧକତା ଥାଏ ।

ଶ୍ରେଣୀରେ ଉତ୍ତମ ଶିକ୍ଷଣ ନିମିତ୍ତ ଏହି ପିଲାମାନଙ୍କୁ ପ୍ରତିବନ୍ଧକ ମୁକ୍ତ ପରିବେଶ ଓ ଭଲ ବସିବା ବ୍ୟବସ୍ଥା ସାହାଯ୍ୟ କରିବ । ଶ୍ରବଣ ବାଧିତ ପିଲାମାନେ ଶବ୍ଦବୃଦ୍ଧି ବ୍ୟବସ୍ଥା ଥିବା ଶ୍ରେଣୀ ଗୃହରେ ରହିବେ ଓ ଶ୍ରବଣ ବାଧିତ ପିଲାମାନେ ଶବ୍ଦବୃଦ୍ଧି ବ୍ୟବସ୍ଥାଥିବା ଶ୍ରେଣୀ ଗୃହରେ ରହିବେ ଓ ଶ୍ରବଣ ଯନ୍ତ୍ର ଶିକ୍ଷଣ ପ୍ରକ୍ରିୟାରେ ସାହାଯ୍ୟ କରିବ । ଦୃଷ୍ଟିବାଧିତ ପିଲାମାନେ ଧଳାବାଡି ଓ ବ୍ରେଲ ଉପକରଣ ସହିତ ଭଲ ଶିଖିପାରିବେ । ଜଣେ ସ୍ୱତନ୍ତ୍ର ଶିକ୍ଷକ ଦୁଇ ବା ତିନି ବାଧକତାକୁ ପରିଚାଳନା କରିବା ପାଇଁ ତାଲିମ ନେବାକୁ ହେବ । ବାଧକତା ଥିବା ପିଲାମାନଙ୍କର ଶିକ୍ଷଣ ପ୍ରକ୍ରିୟାରେ ସ୍ୱତନ୍ତ୍ର ବିଦ୍ୟାଳୟରେ ଶିକ୍ଷକଙ୍କ ସମିଶ୍ରିତ ପ୍ରଚେଷ୍ଟା ସହାୟକ ଉପାଦାନ ରୂପେ କାର୍ଯ୍ୟ କରିବ ।

**୧୦.୩.୪. ବହୁବିଧ ବାଧକତାଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସହାୟକ ସାମଗ୍ରୀ (ମସ୍ତିଷ୍କ ପକ୍ଷାଘାତ, ଚଳନବାଧିତ ବ୍ୟକ୍ତିମାନେ ଅନ୍ତର୍ଭୁକ୍ତ )**

ଗୋଟିଏ ବାଧକତାରୁ ଅଧିକ ଥିବାକୁ ବହୁବିଧ ବାଧକତା କୁହାଯାଏ । ବ୍ୟକ୍ତିଟି ବୌଦ୍ଧିକ ବାଧକତା ସହିତ ଦୃଷ୍ଟି ବାଧକ ମଧ ହୋଇପାରେ । ଏହି ବ୍ୟକ୍ତିମାନଙ୍କ ସହିତ ବହୁବିଧ ପରିସ୍ଥିତି ସଂଯୋଜିତ ହୋଇଥିବାରୁ ବୁଝିବାରେ, ଚଳନରେ ଶିକ୍ଷଣରେ ଓ ଭୌତିକ ବିକଳାଙ୍ଗ ଆଦିରେ ସମସ୍ୟାମାନ ଥାଏ । ତେଣୁ ସେମାନେ ସ୍ୱାଧୀନ ଭାବେ କାର୍ଯ୍ୟ କରିବାରେ ଅସମର୍ଥ । ଏହି ବ୍ୟକ୍ତିମାନଙ୍କ ପାଇଁ ନିମ୍ନୋକ୍ତ ସହାୟକ ଉପକରଣମାନ ରହିଛି ।

- ପୋଟି ଚେୟାର(ଶୌଚଗାରରେ ଆରାମରେ ବସିବା)

- ହ୍ୱିଲ୍ ଚେୟାର, ଓ୍ୱର୍ସ, ଆଶାବାଡି, ର୍ୟାମ୍ପ, ତିନିଚକିଆ ସାଇକେଲ୍,

- ଅନୁକୂଳନୀୟ ଦାନ୍ତଘଷା ବ୍ରଶ୍, ମୋଟା କଲମ ଆଦି ଭଲଭାବରେ ଧରିବା ପାଇଁ ମସ୍ତିଷ୍କ ପକ୍ଷାଘାତ ପିଲାମାନେ ଧରିବା ଉଚିତ ।

- ପାଶ୍ଚାତ୍ୟ ଆକାରର ଶୌଚାଗାର

- କମ୍ ମୂଲ୍ୟଯୁକ୍ତ, ପୁନଃ ମରାମତି ଯୋଗ୍ୟ ଓ ବେସରକାରୀ ସଂସ୍ଥା ବା ସରକାରୀ ସ୍କିମ୍‌ରେ ବିନାମୂଲ୍ୟରେ ସହଜ ଉପଲବ୍ଧ

- ଆଣ୍ଠୁ ବନ୍ଧନୀ ତଳକୁ କମ୍ ଓଜନର

- ଚାଲି ଶିଖିବା ପାଇଁ ଚାଲିବା ଫ୍ରେମ୍ ସାହାଯ୍ୟ କରିପାରେ

- ମାନ ନିର୍ଦ୍ଧାରଣ ଯନ୍ତ୍ର

- ସାଧାରଣ ଚେୟାର ବ୍ୟବହାର କରିପାରୁନଥିବା ପିଲାମାନଙ୍କ ପାଇଁ କର୍ଣ୍ଣର ଚେୟାର

**୧୦. ୩. ୫. ଦୃଷ୍ଟି ବାଧକତା:**

ଦୃଷ୍ଟିବାଧକତା ବ୍ୟକ୍ତି ଜଣେ ମଣିଷ ଯିଏ ଦୃଷ୍ଟି ବାଧକତା ଯୋଗୁ କୌଣସି କାର୍ଯ୍ୟ କରିବାରେ ଅସମର୍ଥ ଯେଉଁଥି

ପାଇଁ ଦୃଷ୍ଟିଶକ୍ତି ଆବଶ୍ୟକ । ଅନ୍ୟପକ୍ଷରେ ଦୃଷ୍ଟି ବାଧକତା ଥିବା ଅନେକ ବ୍ୟକ୍ତିଙ୍କର ଅବଶିଷ୍ଟ ଦୃଷ୍ଟିଶକ୍ତି ଥାଏ । ଯାହାକୁ ଉପଯୁକ୍ତ ସହାୟକ ଉପକରଣ ବ୍ୟବସ୍ଥା ଦ୍ୱାରା ଫଳପ୍ରଦ ଭାବେ ବ୍ୟବହାର କରାଯାଇ ପାରିବ । ଦୃଷ୍ଟିଶକ୍ତି ଆଂଶିକ ବା ଦେଖିବା ପାଇଁ ଏହି ବ୍ୟକ୍ତିମାନଙ୍କର ଆଦୌ ନଥାଇ ପାରେ । ଏହିଭଳି ବ୍ୟକ୍ତିମାନଙ୍କ ପାଇଁ ସହାୟକ ଉପକରଣମାନ ହେଲା:-

-ମୁକ୍ତ ଓ ସୁରକ୍ଷିତ ଚଳନ ପାଇଁ ଧଳାବାଡି

- ଗଣନ ପାଇଁ ଆବାକସ୍ (ମାଳି ଫ୍ରେମ)

- ଗାଣିତିକ ଫ୍ରେମ୍ - ଗାଣିତିକ ସମସ୍ୟା ସମାଧାନ କରିବାକୁ

- ବ୍ରେଲ୍ - ଦୃଷ୍ଟିବାଧିତ ପିଲାମାନଙ୍କ ପାଇଁ ଡଟ୍ ବ୍ୟବସ୍ଥା (ଧୀର ଗତିରେ ଶିଖିବା )

- କଥାକୁହା ତାପମାପ ଯନ୍ତ୍ର

- କଥାକୁହା ଘଣ୍ଟା

- କଥାକୁହା ମୋବାଇଲ ଫୋନ୍

**୧୦.୩.୬. ଶିକ୍ଷଣ ବାଧକତା :**

ଶିକ୍ଷଣ ବାଧକତା, ବ୍ୟକ୍ତିମାନେ ଯାହା ଦେଖୁଛନ୍ତି ବା ଶୁଣୁଛନ୍ତି ତାହାକୁ ବ୍ୟାଖ୍ୟା କରିବାରେ ବା ମସ୍ତିଷ୍କର ବିଭିନ୍ନ ଭାଗରୁ ସୂଚନାକୁ ସଂପର୍କିତ କରିବାର ସାମର୍ଥ୍ୟକୁ ପ୍ରଭାବିତ କରେ । ଏହି ସମସ୍ୟା ବିଦ୍ୟାଳୟ କାର୍ଯ୍ୟକୁ ସଂପ୍ରସାରିତ ହୋଇଥାଏ ଓ ପଠନ, ଲିଖନ ଓ ଗାଣିତିକ କାର୍ଯ୍ୟର କୌଶଳ ଶିକ୍ଷଣକୁ ପ୍ରଭାବିତ କରିଥାଏ । ଯେକୌଣସି ସହାୟକ ଉପକରଣଠାରୁ ଶ୍ରେଣୀଗୃହରେ ଅଧିକ ସହାୟକ ଦିଆଯାଇପାରିବ । ଏଗୁଡିକ ହେଲା:-

- ଚକ୍ଷୁ-ହସ୍ତ ସମନ୍ୱୟର ଅଭିବୃଦ୍ଧି କରିବା

- ଅନୁକ୍ରମିକ ସ୍ମୃତିର ଅଭିବୃଦ୍ଧି କରିବା

- ଅକ୍ଷର ଗୁଡିକର ସ୍ଥିତି

- ସ୍ଥାନ/ ଆକାରକୁ ସହଜରେ ଚିହ୍ନଟ କରିବା ଯଥା ଓଲଟା, ଉଦ୍ଧୃତି, ଘୂର୍ଣ୍ଣନ

- ପ୍ରକୃତ ପଦାର୍ଥ ସହିତ ଚିତ୍ରକୁ ଖାପ ଖୁଆଇବା

- ଲିଖନରେ ଶୁଣିଥିବା ତଥ୍ୟକୁ ବ୍ୟବହାର କରିବା

- ଦଳର ପ୍ରତିଛବି / ଚିତ୍ର ନକଲ କରିବା

**୧୦.୩.୭. ଶ୍ରବଣ ବାଧିତ:**

କେତେକ ପିଲାମାନଙ୍କର ଶ୍ରବଣ ବାଧକତା ଅର୍ଥାତ୍ ଶୁଣିବାରେ ଅସୁବିଧା, ଧ୍ୱନିକୁ ବାରିବା ଓ ବ୍ୟାଖ୍ୟା କରିବାରେ ଅସୁବିଧା ଥାଏ । ତେଣୁ ଭାଷା ଆହରଣର ପ୍ରାକୃତିକ ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ । ଯଦି ଏହି ସମସ୍ୟା ସମାଧାନ ନହୁଏ ତେବେ ଏହାର ଦୀର୍ଘକାଳୀନ ଫଳାଫଳ ଗଭୀର ଓ ବ୍ୟାପକ ହେବ ।

- ଶ୍ରବଣ ଯନ୍ତ୍ର / ଉପକରଣ

ଟିପ୍ପଣୀ

- ଶ୍ରବଣ ଉପକରଣ ଯଥା ଟେପ୍‌ରେକର୍ଡର, ଓଭର ହେଡ୍ ପ୍ରକ୍ଷେପକ
- ଟକ୍‌ପ୍ୟାଡ - ଧ୍ୱନି ବଢାଏ
- କମ୍ପ୍ୟୁଟର
- ଓଭର ହେଡ୍ ପ୍ରୋଜେକ୍ଟର ମାଧ୍ୟମରେ ପିଲାକୁ ବନାନଶୁଦ୍ଧି ଶିଖାଇବା
- ସାଧାରଣ ବୁଦ୍ଧିଥାଏ ।

### ୧୦.୩.୮. କଥନ ବାଧକତା:

ଯୋଗାଯୋଗ ପାଇଁ ଭାଷା ବ୍ୟବହାରର ପ୍ରଥମ ମାଧ୍ୟମ ହେଉଛି କଥନ । ଶବ୍ଦ ପାଇଁ ଯୋଗାଯୋଗ ନିଜର ସଙ୍କେତ ଓ ଅଙ୍ଗଭଙ୍ଗୀ ବ୍ୟବହାର ହୋଇଥାଏ । ଅନେକ ପ୍ରକାରର ସାଙ୍କେତିକ ଭାଷା ରହିଛି ଯଥା - ଆମେରିକୀୟ ସାଙ୍କେତିକ ଭାଷା କ୍ରଟିଶ ସାଙ୍କେତିକ ଭାଷା, ଭାରତୀୟ ସାଙ୍କେତିକ ଭାଷା ଇତ୍ୟାଦି । ଏହିଭଳି ବ୍ୟକ୍ତିମାନଙ୍କ ପାଇଁ ସହାୟକ ଉପକରଣ ଗୁଡିକ ନିମ୍ନରେ ପ୍ରଦାନ କରାଗଲା :-

- ଯୋଗାଯୋଗ ବୋର୍ଡ
- ଆଙ୍ଗୁଳି ସଙ୍କେତ
- କଥା କୁହା ବୋର୍ଡ
- ଫ୍ଲାଶ କାର୍ଡ
- ଚାର୍ଟ୍
- ଦୃଶ୍ୟମାନ ଶବ୍ଦ ଯଥା, ଶୌଚାଗାର, ବିପଦ, ପ୍ରସ୍ଥାନ, ପ୍ରବେଶ, ବିଷ ।

### ୧୦.୪. ସ୍ୱତନ୍ତ୍ର ପଦ୍ଧତି ସମୂହ

ବାଧକତା ଥିବା ବ୍ୟକ୍ତିମାନଙ୍କ ଉପରେ କେତେକ ପଦ୍ଧତିର ପ୍ରଭାବ ଥାଏ ଓ ପରିବେଶରେ ସେମାନଙ୍କ ସ୍ୱଚ୍ଛଳ କାର୍ଯ୍ୟକାରିତା ନିମନ୍ତେ ଏହା ଆଗେଇ ନେଇପାରେ । ଗଭୀର ବାଧକତା କ୍ଷେତ୍ରରେ ଡାକ୍ତରୀ ଉପଚାର ଦେବାକୁ ହୋଇଥାଏ ।

- ■ ପରିବାର ପରାମର୍ଶ: ବାଧିତ ବ୍ୟକ୍ତିର ଅବସ୍ଥା ସଂପର୍କରେ ପରିବାର ସଦସ୍ୟମାନଙ୍କୁ ଶିକ୍ଷିତ କରିବା / ଜଣାଇବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ବାଧକତା ଥିବା ବ୍ୟକ୍ତିକୁ ଆବଶ୍ୟକୀୟ ଆବେଗିକ ସହାୟତା ପ୍ରଦାନ କରିବାରେ ଏହା ସାହାଯ୍ୟ କରିବ ।
- ■ ସମସ୍ୟା ବ୍ୟବହାରର ସଂଶୋଧନ : ଏହା ନକରାତ୍ମକ ବ୍ୟବହାର ସଂଶୋଧନ କରିବାରେ ସାହାଯ୍ୟ କରେ ।
- ■ ଖେଳ ପଦ୍ଧତି ମାଧ୍ୟମରେ ସଂଶୋଧନ: ଖେଳ ପଦ୍ଧତି ଉତ୍ତେଜନା, ଶାରୀରିକ ପକ୍ଷାଘାତକୁ କମାଇବା ଓ ଅବସର ବିନୋଦନ ସମୟ ଭାବେ କାର୍ଯ୍ୟକରିବ ।
- ■ ଯୋଗ: ବ୍ୟକ୍ତିଟିକୁ ଠିକ୍ କରିବାରେ ଏହା ସାହାଯ୍ୟ କରେ ଓ ବାଧକତାକୁ ଏକ ପରିସର/ମାତ୍ରା ପର୍ଯ୍ୟନ୍ତ କମାଇଥାଏ ।

- କଥନ ସମସ୍ୟାର ସଂଶୋଧନ: ଏହା ବ୍ୟକ୍ତିଟିକୁ ଅଧିକ ମୁକ୍ତଭାବେ ନିଜକୁ ପ୍ରକାଶ କରିବାରେ ଆଗେଇ ନିଏ ।
- ଶାରୀରିକ ଓ ମାନସିକ ଉଦ୍ଦୀପନା: ଶାରୀରିକ ସୁସ୍ଥତା ଓ ସୂଚନା ଗଚ୍ଛିତ କରିବାର ଅଭିବୃଦ୍ଧି ହୁଏ ।
- ବ୍ୟାୟମ ପଦ୍ଧତି: ଏହା ଶାରୀରିକ ଓ ମାନସିକ ଚାପ କମାଏ ।
- ବୟସ ବୃଦ୍ଧି: ଉପଯୁକ୍ତ କାର୍ଯ୍ୟକ୍ରମ: ବାଧକତାକୁ ଉପଯୁକ୍ତ ଭାବେ ବୁଝିବା ଓ ଉପଚାର କରିବାର ପ୍ରଥମ ସୋପାନ ହେଉଛି ବୟସ ଉପଯୋଗୀ କାର୍ଯ୍ୟ ପ୍ରଦାନ କରିବା
- ଉପଯୁକ୍ତ ଅବସ୍ଥାନ ଓ ବହନ କରିବା ପଦ୍ଧତି: ଠିକ୍ ଅଙ୍ଗଭଙ୍ଗୀ ଶାରୀରିକ ବାଧକତା ଥିବା ବ୍ୟକ୍ତିଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଭାବେ କାମ କରିବ ।

## ୧୦.୫. ସାରାଂଶ

ଏହି ଅଧ୍ୟାୟରେ ତୁମେ ଭିନ୍ନଭିନ୍ନ କୌଶଳଗୁଡିକ ବିଷୟରେ ପଢିଛ ଯେଉଁଥିରେ ବାଧକତା ଥିବା ପିଲାକୁ ତାର ଶିକ୍ଷା ଓ ଦୈନନ୍ଦିନ ଜୀବନରେ ସାହାଯ୍ୟ କରାଯାଇପାରିବ । ଅନୁକୂଳନୀୟ କୌଶଳଗୁଡିକ ବିଭିନ୍ନ କାର୍ଯ୍ୟଗୁଡିକ ହାତକୁ ନେବା ପାଇଁ ବିଭିନ୍ନ କୌଶଳର ପୁନରୁଦ୍ଧାର / ଗ୍ରହଣ କରିବାରେ ପିଲାକୁ ସାହାଯ୍ୟ କରୁଥିବା ବେଳେ ସାଧାରଣ ପରିସ୍ଥିତିର ବିକଳ୍ପ ଭାବେ ସହାୟକ ଉପକରଣ କାର୍ଯ୍ୟ କରେ ଓ ଏକ ସୁସ୍ଥ / ଆରାମଦାୟକ ଜୀବନ ଧାରଣରେ ପିଲାକୁ ସାହାଯ୍ୟ କରିବ ।

ବାଧକତା ଥିବା ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ପଦ୍ଧତିଗୁଡିକ ଅତ୍ୟାବଶ୍ୟକ ଅଟେ । ଯୋଗ, ଖେଳ, ପରିବାର ପରାମର୍ଶ, ଅନ୍ୟମାନଙ୍କ ଭିତରେ ଶାରୀରିକ ଓ ମାନସିକ ଉଦ୍ଦୀପନା ଭଳି ପଦ୍ଧତି ଗୁଡିକର ବାଧକତା ଥିବା ବ୍ୟକ୍ତିମାନଙ୍କ ଉପରେ ପ୍ରଭାବ ପକାଇପାରିବ ଏବଂ ପରିବେଶରେ ସେମାନଙ୍କର ସହଜ କାର୍ଯ୍ୟକରିବାକୁ ଆଗେଇ ନେବ । ଏହା ମଧ୍ୟ ସେମାନଙ୍କର ଉତ୍ତମ ଯତ୍ନ ନେବାରେ ପରିବାର ସଦସ୍ୟମାନଙ୍କୁ ସାହାଯ୍ୟ କରିବ ।

ବାଧକତା ଥିବା ପିଲାମାନଙ୍କର ଶିକ୍ଷଣରେ ଶିକ୍ଷକଙ୍କ ଭୂମିକା ଅପରିହାର୍ଯ୍ୟ । ପିଲାମାନଙ୍କୁ ପ୍ରଭାବିତ କରୁଥିବା ବିଭିନ୍ନ ବାଧକତା ବିଷୟରେ ଶିକ୍ଷକ ଜାଣିବା ଉଚିତ ଏବଂ ଅନ୍ୟପିଲାଙ୍କ ଭଳି ଜ୍ଞାନ ଆହରଣ କରିବା ନିମିତ୍ତ ଏପରି ପଦ୍ଧତି ଗ୍ରହଣ କରିବା ଉଚିତ ଯାହାଦ୍ୱାରା ଶିକ୍ଷକ ସେହି ପିଲାମାନଙ୍କୁ ସାହାଯ୍ୟ କରିପାରିବେ ।

ବିଭିନ୍ନ ବାଧକତା ପାଇଁ ଭିନ୍ନ ଭିନ୍ନ ଅନୁକୂଳନୀୟ କୌଶଳ ଓ ସହାୟକ ଉପକରଣମାନ ରହିଛି । ସର୍ବୋତ୍ତମ ଲାଭ ହାସଲ ନିମିତ୍ତ ସେଗୁଡିକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବାକୁ ହେବ ।

## ୧୦.୬. ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର:

### ଅନୁଶୀଳନୀ -୧

୧. ଅନୁକୂଳନୀୟ କୌଶଳ ଏପରି କୌଶଳ ଯାହା ବାଧକତାର ଆବଶ୍ୟକତା ଅନୁସାରେ ଅନୁକୂଳନ କରାଯାଇଛି । ଏହା ବାଧକତାରୁ ବାଧକତା ଯାଏ ଭିନ୍ନ ଭିନ୍ନ ଅଟେ । ବ୍ୟକ୍ତିମାନଙ୍କ ଦୈନନ୍ଦିନ ଜୀବନର କାର୍ଯ୍ୟସମୂହ, ପଠନ, ଲିଖନ, ପରିବେଶ ଭିତ୍ତିକ ସମାଯୋଜନ ଆହରଣରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ।

୨. କ) ଚଳନ ବାଧକତା: ଅନୁକୂଳନୀୟ କୌଶଳଗୁଡିକ ନିୟମିତ ଶିକ୍ଷାଦାନ ପଦ୍ଧତି ହୋଇପାରିବ ବା

ଟିପ୍ପଣୀ

ଦଣ୍ଡକାର୍ଯ୍ୟର ବିଶ୍ଳେଷଣ ହୋଇପାରିବ ଯଦି ପିଲାଟି କମ୍ ବୁଦ୍ଧ୍ୟାଙ୍କ ଭିତ୍ତିକ ବ୍ୟକ୍ତିଗତ ଶୈକ୍ଷିକ ଯୋଜନା, ପାଠ ଯୋଜନା ସହ ସଂଯୋଜିତ ହୋଇଥାଏ ।

ଖ) ମସ୍ତିଷ୍କ ପକ୍ଷାଘାତ: ଯଦି କୌଣସି ଅବସ୍ଥା ସହ ସଂଯୋଜିତ ହୋଇନଥାଏ ନିୟମିତ ଶିକ୍ଷାଦାନ ପଦ୍ଧତିଗୁଡିକୁ ବ୍ୟବହାର କରାଯାଇ ପାରିବ । କୌଣସି ଅନୁକୂଳନ କରାଯାଇ ପାରିବ ନାହିଁ । ହସ୍ତ - ଚକ୍ଷୁର ସମନ୍ୱୟ ବୃଦ୍ଧି କରାଯିବ ।

ଗ) ଶ୍ରବଣ ଅଭିବୃଦ୍ଧି: ଯଦି ମାନସିକ ଅନଗ୍ରସର, ଅପସ୍ମାର, ବ୍ୟକ୍ତିଗତ ଶିକ୍ଷାଦାନ କୌଶଳ ଗୁଡିକର ସଂଯୋଜିତ ହୋଇଥାଏ ତେବେ ନିୟମିତ ଶିକ୍ଷାଦାନ ପଦ୍ଧତିଗୁଡିକରେ ସ୍ୱତନ୍ତ୍ର ପଦ୍ଧତି ଆବଶ୍ୟକ ।

ଘ) ଦୃଷ୍ଟିଶକ୍ତିର ଅଭିବୃଦ୍ଧି:- ବ୍ରେଲ ମାଧ୍ୟମରେ ଶିକ୍ଷାଦାନ, ବ୍ୟକ୍ତିଗତ ଶୈକ୍ଷିକ ଯୋଜନା, ସଂପୃକ୍ତ ପାଠ୍ୟକ୍ରମ ଆବାକସ ଓ ଶ୍ରେଣୀରେ ସ୍ୱତନ୍ତ୍ର ସୁବିଧା, ପ୍ରତିବନ୍ଧକ ମୁକ୍ତ ପରିବେଶ ।

**ଅନୁଶୀଳନୀ -୨**

୧.ସହାୟକ ଉପକରଣ ସମୂହ ଏପରି ଉପକରଣ ଯାହା ପିଲାମାନଙ୍କୁ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟଗୁଡିକରେ ସାହାଯ୍ୟ କରେ । ଏହା ବିକଳ୍ପ ଭାବେ କାମ କରେ । ଏହା ଦୁଇ ପ୍ରକାରର ଯାହା ସେହି ବ୍ୟକ୍ତିଦ୍ୱାରା ଏବଂ ସେହି ବ୍ୟକ୍ତିଦ୍ୱାରା ଅନ୍ୟର ସହାୟତାରେ ବ୍ୟବହାର କରାଯାଇପାରିବ ।

୨ କ) ବୌଦ୍ଧିକ ବାଧକତା: ଆଶାବାଡି, କର୍ଣ୍ଣର ସିଟ୍, ଶ୍ରବଣ ସହାୟକ ଯନ୍ତ୍ର, ସମାନ୍ତରାଳ ବାଡି, ଧଳାବାଡି ଇତ୍ୟାଦି ।

ଖ) କଥନ ବାଧକତା:- ଓଷ୍ଠପଠନ ପ୍ରଶିକ୍ଷକ, ଶ୍ରାବ୍ୟ ପଦ୍ଧତି, ଶ୍ରବଣ ସହାୟକ ଯନ୍ତ୍ର, କଥାକୁହା ବୋର୍ଡ, ସାଙ୍କେତିକ ଭାଷା

ଗ) ଶିକ୍ଷଣ ବାଧକତା: ବଡ ଓ ଆକର୍ଷଣୀୟ ଅକ୍ଷର, ଖାପ ଖୁଆଇବା ଭଳି ଛବି ଓ ବସ୍ତୁ ।

ଘ) ବହୁବିଧ ବାଧକତା : ର୍‍ୟାମ୍ପ, ଉତ୍ତମ ବସିବା ବ୍ୟବସ୍ଥା, ଆଶାବାଡି, ଓ୍ୱାକର, ହ୍ୱିଲ୍ ଚେୟାର ।

ଙ) ଦୃଷ୍ଟି ବାଧକତା:- ସଂଯୁକ୍ତ ପାଠ୍ୟକ୍ରମ ବ୍ୟବହାର କରି ପାଠ ଯୋଜନା, ଧଳାବାଡି, ସ୍ୱତନ୍ତ୍ର ଚଷମା ପରୀକ୍ଷଣରେ ଲେଖିବାପାଇଁ ଲିପି, ଟେଲରଫ୍ରେମ୍, ଆବାକସ୍, ବ୍ରେଲ ପ୍ରଶିକ୍ଷକ ।

୩. ଶିକ୍ଷକଙ୍କ ଭୂମିକା : ଶିକ୍ଷାର୍ଥୀର ସମସ୍ୟା ଜଣେ ସ୍ୱତନ୍ତ୍ର ଶିକ୍ଷକ ବହନ କରିବା ଉଚିତ । ଶିକ୍ଷକ ହେଉଛନ୍ତି ମଧ୍ୟସ୍ଥି । ପିଲାର ଆବଶ୍ୟକତା ଚିହ୍ନଟ ପାଇଁ ସେ ନିଶ୍ଚିତ ଶିକ୍ଷିତ ବା ପ୍ରଶିକ୍ଷିତ ହେବା ଆବଶ୍ୟକ । ଶିକ୍ଷକ ପିଲାକୁ ତାର ବାଧକତାକୁ ନିବାରଣ କରିବା ନିମିତ୍ତ ଉତ୍ସାହିତ ଓ ସାହାଯ୍ୟ କରିପାରିବେ । । ଜଣେ ଶିକ୍ଷକ ଅନେକ ଉପାୟରେ ପିଲାକୁ ସାହାଯ୍ୟ କରିପାରିବେ ।

**ଅନୁଶୀଳନୀ -୩**

୨.ସ୍ୱତନ୍ତ୍ର ପଦ୍ଧତି: ବାଧକତା ଥିବା ବ୍ୟକ୍ତିମାନଙ୍କ ଉପରେ କେତେକ ପଦ୍ଧତିର ପ୍ରଭାବ ରହିଛି ଓ

ପରିବେଶରେ ସେମାନଙ୍କର ସହଜ କାର୍ଯ୍ୟ କରିବାରେ ଏହା ଆଗେଇନେଇପାରିବ ।

କ) ପରିବାର ପରାମର୍ଶ

ଖ) ଖେଳ ପଦ୍ଧତି

ଗ) ଯୋଗ

ଘ) ଅନୁଶୀଳନୀ

ଙ) ସଠିକ୍ ସ୍ଥିତି ଓ ବହନ କରିବା

ଚ) ଶରୀର ବାଧକତା ପାଇଁ ଡାକ୍ତରୀ ଉପଚାର

ଟିପ୍ପଣୀ

## ୧୦.୭ ଅଧିକତର ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- Special education for mentally handicapped pupils- A teaching manual1987times mirror
- Help me to help my child- Jill Bloom Brown & Co 2oo1 McGraw co
- Class management and control- A teaching skills workbook2010 journal of psychology extract author EBALY STEWART W
- DES teacher education project focus books- E C WraggNIMH PUB 1999
- Text book on physiotherapy- DSEMR course book1993 PUB NIMH
- Moving away from labels- IndumathiRao, Vidya Pramod2010 CBR PUB
- Assistive devices and therapy- book 4- FCED, course material 2009 IGNOU STUDY MATERIAL


## ୧୦.୮ ପାଠାନ୍ତ ପ୍ରଶ୍ନାବଳୀ

୧. ସ୍ୱତନ୍ତ୍ର ପଦ୍ଧତିର ଏକ ସଂକ୍ଷିପ୍ତ ବିବରଣୀ ଲେଖ ।